# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**21 August - 2024**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ସଦସ୍ୟମାନଙ୍କ ହଟ୍ଟଗୋଳ ଯୋଗୁଁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ
- ଲୋକସେବା ଭବନଠାରେ ଭାରତୀୟ ପୁରୁଷ ହକି ଖେଳାଳିମାନଙ୍କୁ ଆଜି ସମ୍ବର୍ଦ୍ଧିତ କରିବେ ମୁଖ୍ୟମନ୍ତ୍ରୀ
- ବିଜେପି ପକ୍ଷରୁ ରାଜ୍ୟସଭା ପ୍ରାର୍ଥୀ ମମତା ମହାନ୍ତ ଦାଖଲ କଲେ ନାମାଙ୍କନପତ୍ର

ଏବଂ

- ପୁରୀ ଶ୍ରୀମନ୍ଦିରରେ ବନକ ଲାଗି ନୀତି ପାଇଁ ଆଜି ସନ୍ଧ୍ୟା ୫ଟାରୁ ୪ ଘଣ୍ଟା ପାଇଁ ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

## ବିଧାନସଭା-୧

ସପ୍ତଦଶ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ଆଜି ବିରୋଧୀ ସଦସ୍ୟମାନେ ଭିନ୍ନ ଭିନ୍ନ ପ୍ରସଙ୍ଗରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ହୋ-ହଲ୍ଲା କରିବା ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଗୃହ ସୁରୁଖୁରୁରେ ଚାଲି ନ ପାରିବାରୁ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଛନ୍ତି।

ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଗଞ୍ଜାମ ଜିଲ୍ଲାର ଚିକିଟିରେ ବିଷାକ୍ତ ମଦମୃତ୍ୟୁ ମାମଲାର ରାଜସ୍ୱ କମିଶନରଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯାଉ ବୋଲି ବିଜୁ ଜନତା ଦଳର ସଦସ୍ୟମାନେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି କଂଗ୍ରେସ ସଭ୍ୟମାନେ ଆଦିବାସୀମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପ୍ରସଙ୍ଗରେ  ଗୃହରେ ପ୍ରତିବାଦ କରିବା ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଆଜିର ପ୍ରଥମାର୍ଦ୍ଧ ଅଧିବେଶନରେ ବିରୋଧୀ ସଦସ୍ୟମାନେ ପାଟିତୁଣ୍ଡ କରିବାରୁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ୧୦ଟା ୩୪ ରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ। ପୁଣିଥରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ସ୍ଥିତି ସ୍ୱାଭାବିକ ନ ହେବାରୁ ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି।

## ବିଧାନସଭା-୨

ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଆଜି ବିଧାନସଭାରେ କହିଛନ୍ତି। ବିଧାୟକ ଭାସ୍କର ମଢ଼େଇଙ୍କ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ କହିଛନ୍ତି, ମୟୂରଭଞ୍ଜ ଜିଲ୍ଲାରେ ପୁଷ୍ଟିଶସ୍ୟର ପ୍ରୋତ୍ସାହନ ନିମନ୍ତେ ରାଜ୍ୟ ସରକାର ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି। ଜିଲ୍ଲାର ୧୬ଟି ବ୍ଲକ୍‌ରେ ଚାଷୀମାନଙ୍କୁ ସଘନ ଚାଷ, ଧାଡିରୁଆ ଓ ଧାଡ଼ିବୁଣା ପଦ୍ଧତିରେ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରି ମାଣ୍ଡିଆ ଚାଷ କରିବା ପାଇଁ ସରକାର ୫ ବର୍ଷ ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ଦେଉଛନ୍ତି। ସଘନ ପଦ୍ଧତିରେ ମାଣ୍ଡିଆ ଚାଷ ପାଇଁ ପ୍ରଥମ ବର୍ଷ ଚାଷୀଙ୍କୁ ୧୦ ହଜାର ଟଙ୍କା, ଦ୍ୱିତୀୟ ବର୍ଷ ୭ ହଜାର ୫୦୦, ତୃତୀୟ ବର୍ଷ ୫ ହଜାର ଟଙ୍କା, ଚତୁର୍ଥ ବର୍ଷ ୨ ହଜାର ଟଙ୍କା ଓ ପଞ୍ଚମ ବର୍ଷ ଆଉ ୨ ହଜାର ଟଙ୍କା ଏହିପରି ମୋଟ ୨୬ ହଜାର ୫୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସିଂଦେଓ କହିଛନ୍ତି।

ସେହିପରି ମାଣ୍ଡିଆ ଧାଡିରୁଆ ଓ ଧାଡିବୁଣା ପଦ୍ଧତିରେ ଚାଷ କରୁଥିବା କୃଷକଙ୍କୁ ସମୁଦାୟ ୧୯ ହଜାର ୫୦୦ ଟଙ୍କା ଏବଂ ଅଣମାଣ୍ଡିଆ କୃଷିଶସ୍ୟ

ଉତ୍ପାଦନ କରୁଥିବା ଚାଷୀଙ୍କୁ ୨୬ ହଜାର ୫୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ କହିଛନ୍ତି ।

## ହକି ଦଳକୁ ସ୍ୱାଗତ

ପ୍ୟାରିସ୍ ଅଲିମ୍ପିକ୍ସରେ କାଂସ୍ୟ ପଦକ ବିଜେତା ଭାରତୀୟ ପୁରୁଷ ହକି ଦଳ ଆଜି ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅପରାହ୍ଣରେ ଲୋକସେବା ଭବନଠାରେ ହକି ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିବେ ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୫ ତାରିଖ ରବିବାର  ପୂର୍ବାହ୍ଣ ୧୧ଟାରେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ । ଏହା ହେବ 'ମନ୍ କୀ ବାତ୍'ର ୧୧୩ତମ ସଂସ୍କରଣ ।

ଆକାଶବାଣୀର ସବୁ କେନ୍ଦ୍ର, ବିବିଧ ଭାରତୀ ସେବା, ଡିଟିଏଚ୍ ସେବା, ଏଫ୍ଏମ୍ ଏବଂ ଆକାଶବାଣୀ ଅଧୀନ ଗୋଷ୍ଠୀ ବେତାର କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ ଶୁଣିବାକୁ ମିଳିବ । ହିନ୍ଦୀ ପ୍ରସାରଣ ପରେ ପରେ ଏହାର ଓଡ଼ିଆ ଭାଷାନ୍ତର ପ୍ରସାରଣ କରାଯିବ ଓ ପୁଣି ଥରେ ସେହିଦିନ ରାତି ୮ଟା ସମୟରେ ଓଡ଼ିଆ ଭାଷାନ୍ତର ପ୍ରସାରିତ ହେବ ।

## ରେଳମନ୍ତ୍ରୀ – ରାଷ୍ଟ୍ରପତି

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଓଡ଼ିଶାର ୬ଟି ନୂତନ ରେଳଲାଇନ୍‌ର ମଂଜୁରୀ ସମ୍ପର୍କରେ ଅବଗତ କରାଇଛନ୍ତି। ଏଥିସହିତ ଓଡ଼ିଶାର ଉପାନ୍ତ ଜନଜାତିବହୁଳ ଜିଲ୍ଲାଗୁଡ଼ିକରେ ରେଳବାଇ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଯୋଗୁଁ ଅର୍ଥନୈତିକ ବିକାଶ ଘଟିବ ବୋଲି ରେଳମନ୍ତ୍ରୀ ରାଷ୍ଟ୍ରପତିଙ୍କୁ କହିଥିଲେ।

## ସଂକଳ୍ପ ପତ୍ର

ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ଶୀର୍ଷକ ଭିଜନ ଡକ୍ୟୁମେଣ୍ଟ ନିମନ୍ତେ ରାଜ୍ୟ ସରକାରଙ୍କର ଯୋଜନା ଏବଂ ସଂଯୋଜନା ବିଭାଗ ପକ୍ଷରୁ ସଂକଳ୍ପ ପତ୍ର ଜାରି କରାଯାଇଛି। ବିଶ୍ୱ ଦରବାରରେ ଓଡ଼ିଶାର ଅନନ୍ୟ ସାଂସ୍କୃତିକ ପରମ୍ପରା ସହିତ ୨୦୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ଶତବାର୍ଷିକୀ ପାଳନ ନିମନ୍ତେ ମାର୍ଗଦର୍ଶିକା ପ୍ରସ୍ତୁତ କରାଯିବ ବୋଲି ସଂକଳ୍ପ ପତ୍ରରେ ଉଲ୍ଲେଖ ଅଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ୨୦୪୭ ମସିହା ସୁଦ୍ଧା ଭାରତକୁ ବିକଶିତ କରିବା ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ବିକାଶର ରାସ୍ତାରେ ସେଇ ସମୟ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ରାଜ୍ୟ ସରକାର ସଂକଳ୍ପ ନେଇଛନ୍ତି।

## ଉପନିର୍ବାଚନ

ରାଜ୍ୟସଭା ଉପନିର୍ବାଚନ ପାଇଁ ଆଜି ବିଧାନସଭାରେ ବିଜେପି ପ୍ରାର୍ଥୀ ମମତା ମହାନ୍ତ ନାମାଙ୍କନପତ୍ର ଦାଖଲ କରିଛନ୍ତି। ରିଟର୍ଣ୍ଣିଂ ଅଫିସର ଅବନୀକାନ୍ତ ପଟ୍ଟନାୟକଙ୍କ ନିକଟରେ ଶ୍ରୀମତୀ ମହାନ୍ତ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନାମାଙ୍କନପତ୍ର ଦାଖଲ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଜେପି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ସାଂସଦ ନବ ଚରଣ ମାଝୀ, ଅନୀତା ଶୁଭଦର୍ଶିନୀ, ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ ଏବଂ ବିଧାୟକଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ। ଶ୍ରୀମତୀ ମହାନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍‌ପ୍ରକାଶ ନଡ୍ଡା, ରାଜ୍ୟ ସଭାପତି, ରାଜ୍ୟ ପ୍ରଭାରୀ ଓ ଦଳର ସମସ୍ତ ନେତୃମଣ୍ଡଳୀଙ୍କୁ ତାଙ୍କୁ ଏହି ସୁଯୋଗ ଦେଇଥିବାରୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟସଭା ଆସନ ପାଇଁ ଆଜି ନାମାଙ୍କନପତ୍ର ଦାଖଲର ଶେଷ ଦିନ ଥିଲା।

## ହରିଶ୍ଚନ୍ଦ୍ର ଯୋଜନା

ରାଜ୍ୟ ସରକାର ହରିଶ୍ଚନ୍ଦ୍ର ଯୋଜନାରେ ଗରିବ ପରିବାରର ସଦସ୍ୟମାନଙ୍କର ମୃତ୍ୟୁ ପରେ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୧୮୧ କୋଟି ୮୪ ଲକ୍ଷ ଟଙ୍କାର ସହାୟତା ଦେଇଛନ୍ତି। ୨୦୧୯-୨୦ ମସିହାରୁ ରାଜ୍ୟ ସରକାର ଆରମ୍ଭ କରିଥିବା ହରିଶ୍ଚନ୍ଦ୍ର ଯୋଜନାରେ ଗ୍ରାମାଞ୍ଚଳରେ ୨ ହଜାର ଟଙ୍କା ଓ

ସହରାଂଚଳରେ ମୃତକଙ୍କ ପରିବାରକୁ ୩ ହଜାର ଟଙ୍କା ଦିଆଯାଉଛି। ବିଧାନସଭାରେ ଉତ୍ତର ରଖି ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି, ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶିରେ ପୁର୍ନବାର ବୃଦ୍ଧି ନେଇ ସରକାରଙ୍କ ପାଖରେ କୌଣସି ପ୍ରସ୍ତାବ ନାହିଁ।

## ଷ୍ଟିଅରିଂ କମିଟି ବୈଠକ

ରାଜ୍ୟ କଂଗ୍ରେସ ଷ୍ଟିଅରିଂ କମିଟିର ପ୍ରଥମ ବୈଠକ ଆସନ୍ତାକାଲି ଅନୁଷ୍ଠିତ ହେବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଦଳର ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କ ନେତୃତ୍ୱରେ ୧୪ ଜଣିଆ ଷ୍ଟିଅରିଂ କମିଟି ଗଠନ କରାଯାଇଛି। ଏହି କମିଟିରେ କଂଗ୍ରେସ ଦଳର ସମସ୍ତ ପୂର୍ବତନ ରାଜ୍ୟ ସଭାପତି ଓ ବିଧାୟକମାନଙ୍କୁ ସ୍ୱତନ୍ତ୍ର ଅତିଥି ଭାବେ ଆସନ୍ତାକାଲିର ବୈଠକକୁ ନିମନ୍ତ୍ରଣ କରାଯାଇଛି। କଟକର ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍‌ଙ୍କୁ ଷ୍ଟିଅରିଂ କମିଟି ବୈଠକର ସଂଯୋଜକ ଦାୟିତ୍ୱ ଦିଆଯାଇଛି।

## ନୂଆ ମୋବାଇଲ୍ ଗ୍ରାହକ

ଚଳିତବର୍ଷ ଜୁନ୍‌ମାସରେ ରାଜ୍ୟରେ ୨ ଲକ୍ଷ ୯୬ ହଜାର ୯୯୯ ଜଣ ନୂଆ ମୋବାଇଲ୍ ଗ୍ରାହକ ଯୋଡି ହୋଇଛନ୍ତି। ସର୍ବଭାରତୀୟସ୍ତରରେ ନୂଆ ମୋବାଇଲ ଗ୍ରାହକ ଯୋଡିବାରେ ମହାରାଷ୍ଟ୍ର ପ୍ରଥମ ସ୍ଥାନରେ ଥିବାବେଳେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଥିବା ନେଇ ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ-ଟ୍ରାଇ ପକ୍ଷରୁ ଜାରି କରାଯାଇଥିବା ସୂଚନାରୁ ଜଣାପଡିଛି।

ସୂଚନାଯୋଗ୍ୟ, ଚଳିତବର୍ଷ ଜୁନ୍ ମାସ ଶେଷ ସୁଦ୍ଧା ରାଜ୍ୟରେ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ୩ କୋଟି ୪୧ ଲକ୍ଷ ୭୧ ହଜାର ୬୧୫ ଥିବା ଜଣାପଡିଛି।

## ହସ୍ପିଟାଲରେ ଆହାର କେନ୍ଦ୍ର

ସହରାଞ୍ଚଳରେ ଥିବା ୮୬ଟି ଆମ ହସ୍ପିଟାଲରେ ଆହାର କେନ୍ଦ୍ର କାର୍ଯ୍ୟକାରୀ କରିବା ଲାଗି ପଦକ୍ଷେପ ନିଆଯାଉଛି ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ବିଧାନସଭାରେ ଗତକାଲି ଏ ସମ୍ପର୍କିତ ତଥ୍ୟ ପ୍ରଦାନ କରି ସେ କହିଛନ୍ତି ଏବେ ରାଜ୍ୟରେ ଶହେ ଅଣସ୍ତରୀଟି ଆହାର କେନ୍ଦ୍ର କାର୍ଯ୍ୟକାରୀ ହେଉଛି । ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ମଧ୍ୟ ଗୋଟିଏ ଆହାର କେନ୍ଦ୍ର ଖୋଲିବା ପାଇଁ ବ୍ୟବସ୍ଥା ହୋଇଛି ବୋଲି ସେ କହିଛନ୍ତି । ଏହି ଯୋଜନା ନିମନ୍ତେ ଆବଶ୍ୟକ ପଡୁଥିବା ପ୍ରାୟ ୬୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

## ପାଣିପାଗ

ରାଜ୍ୟରେ ମୌସୁମୀ ପ୍ରଭାବାରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିବାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କଟକ, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ବାଲେଶ୍ୱର ଜିଲ୍ଲାରେ ଆଜି ବର୍ଷାର ସମ୍ଭାବନା ଅଛି ।

*********************************